# Akashvani, Sambalpur

# SAMBALPURI NEWS BULLETIN

## 7 December 2024- 6.47- 6.52 am.

**********************************************

ରାଷ୍ଟ୍ରପତି - ମୟୁର୍‌ଭଞ୍ଜ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ମୟୁର୍‌ଭଞ୍ଜ ଜିଲ୍ଲାର୍ ବାଙ୍ଗିରିପୋଷି ନ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ଚାକୁଲିଆ ଆର୍ ବାଦାମ୍‌ପାହାଡ଼- କେନ୍ଦୁଝର୍‌ଗଡ଼୍ ୩ ଟା ନୂଆଁ ରେଲ୍‌ଲାଇନ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇତାର୍‌ସଙ୍ଗେ ରାଷ୍ଟ୍ରପତି ରାଇରଙ୍ଗପୁର୍ ନ ଜନଜାତି ଗବେଷଣା ଆଉ ବିକାଶ୍ କେନ୍ଦ୍ର, ଦଣ୍ଡାବୋଷ ବିମାନ୍ ବନ୍ଦର୍ ଆର୍ ରାଇରଙ୍ଗପୁର୍ ଉପଖଣ୍ଡ ଚିକିତ୍ସାଳୟ ସହେତେ ଆର୍ କେତେଟା ପ୍ରକଳ୍ପର୍ ଭିଲ୍ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା-କେବିନେଟ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ୮ ଟା ସହେତେ ଦେଶେ ୮୫ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନାର୍ ଲାଗି ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍‌ର ଆର୍ଥିକ୍ ବ୍ୟାପାର୍ ବାବଦ୍ କେବିନେଟ୍ କମିଟି ବୈଠକ୍‌ଥି ମଞ୍ଜୁରୀ ଦିଆଯାଇଛେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ୮୫ ଟା ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନାଥି ପାଖାପାଖି ୫ ହଜାର୍ ୮ ଶହ ୭୨ କୋଟି ଟଙ୍କା ଖର୍ଚ୍ଚା ହେବା । ଇଥି ୮୨ ହଜାର୍ ୫ ଶହ ୬୦ ଝନ୍ ଛାତ୍ରଛାତ୍ରୀ କମ୍ ଖର୍ଚ୍ଚାଥି ଉଚା ଦର୍‌ଜାର୍ ଶିକ୍ଷା ପାଇପାର୍‌ବେ । ଆର୍ ୫ ହଜାର ୩ ଶହ ୮୮ ଟା ନିୟମିତ ପଦବୀଥି ନିଯୁକ୍ତି ସୃଷ୍ଟି ହେବା । ଇତାର୍‌ସାଙ୍ଗେ ଆଉ ୨୮ ଟା ନୂଆଁ ନବୋଦୟ ବିଦ୍ୟାଳୟ ଖୁଲ୍‌ବାର୍‌କେ ଭିଲ୍ କେବିନେଟ୍ ବୈଠକ୍‌ଥି ମଞ୍ଜୁରୀ ଦିଆଯାଇଛେ । କେବିନେଟ୍‌ର ଇ ଅନୁମୋଦନ୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ - ପ୍ରଧାନ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ତାଙ୍କର୍ ସୂଚ୍‌ନା ଅନ୍‌ସାରେ, ଓଡ଼ିଶାର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ କୁଚିଣ୍ଡା, ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ୍ ଆର୍ ପାଟ୍‌ନାଗଡ୍, ଅନୁଗୁଲ୍ ଜିଲ୍ଲାର୍ ତାଲ୍‌ଚେର୍ ଆର୍ ଆଠ୍‌ମଲ୍ଲିକ୍, ଢେଙ୍କାନାଲ୍ ଜିଲ୍ଲାର୍

କାମାକ୍ଷାନଗର୍, କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ଆର୍ ଖୋର୍ଦ୍ଧା ଜିଲ୍ଲାର୍ ଆଇଟିବିପି ନ ନୂଆଁ କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବା ।

ପି.ଏମ୍. ଇ-ବିଦ୍ୟା        ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭାରତୀୟ ସାଙ୍କେତିକ ଭାଷାର୍ ଲାଗି ପି.ଏମ୍. ଇ-ବିଦ୍ୟା ଡିଟିଏଚ୍ ଚେନାଲ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ପି.ଏମ୍. ଇ-ବିଦ୍ୟା ନାଇଁ ଶୁନିପାରୁଥିବା ଲୋକ୍‌ମାନ୍‌କୁ ପାଠ୍‌ପଢ଼ା ଦିଗେ ସାହାଜ୍ କର୍‌ବା ବଲି କହିଛନ୍ । ସେ ଆହୁରି କହିଛନ୍ ଯେ, ପି.ଏମ୍. ଇ-ବିଦ୍ୟା ଡିଟିଏଚ୍ ଚେନାଲ୍‌ଥି ଡିଜିଟାଲ୍ ପାଠ୍ୟକ୍ରମ୍ ସଙ୍ଗେ ଦକ୍ଷତା ପ୍ରଶିକ୍ଷଣ୍, ମାନସିକ ସ୍ୱାସ୍ଥ୍ୟ ଲାଗି ଯେନ୍ ସୁବିଧା ରହିଛେ ହେଟା ନାଇଁ ଶୁନିପାରୁଥିବା ଲୁକ୍‌କୁ ବନେ ସାହାଜ୍ କର୍‌ବା । ଜାତୀୟ ଶିକ୍ଷାନୀତି -୨୦୨୦ ଥି ସମାବେଶୀ ଶୈକ୍ଷିକ ବାତାବରଣ୍‌କେ ତହଁକାବାର୍ ଲାଗି ସାଂକେତିକ୍ ଭାଷା ଉପ୍‌ରେ ଜୋର୍ ଦିଆଯାଉଛେ ବଲି ସେ କହିଛନ୍ ।

ରେଲ୍‌ମନ୍ତ୍ରୀ-ଉଦ୍‌ଘାଟନ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ କଟକ୍ ରେଲ୍‌ଷ୍ଟେସନ୍ ନ ଦ୍ୱିତୀୟ ପ୍ରବେଶ୍ ଦ୍ୱାରର ଉଦ୍‌ଘାଟ୍‌ନ୍ କର୍‌ବେ । ଇତାର୍‌ସଙ୍ଗେ ସେ ବାଲେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଗୁଟେ ଫୁଟ୍‌ଓଭର୍‌ବ୍ରିଜ୍‌ର ଭିଲ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ବିଧାନ୍‌ସଭା ନ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍- ୨୦୨୪ ଉପସ୍ଥାପନ୍ କରିଥିବାର୍ ବେଲେ ତାର୍ ଉପ୍‌ରେ ଆଲୋଚନା ଜାରି ରହିଛେ । ରାଏଜେ ନିଯୁକ୍ତି ଭିତିକ ପରୀକ୍ଷାଥି ସ୍ୱଚ୍ଛତା ଆନ୍‌ବାର୍ ସହେତେ ପ୍ରଶ୍ନପତ୍ର ପ୍ରଘଟ୍ ହେବାର୍, ମୌଖିକ୍ ପରୀକ୍ଷାଥି ପାତର୍ ଅନ୍ତର୍, ଲାଂଚ୍ କାର୍‌ବାର୍ ବାଗିର୍ ଅନିୟମିତତାକେ ରୁକ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଇ ନୂଆଁ ବିଲ୍ ଅନାଯାଇଛେ ।

ସଶସ୍ତ୍ର ବାହିନୀ ପତାକା ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ସଶସ୍ତ୍ର ବାହିନୀ ପତାକା ଦିବସ୍ । ଆମର୍ ଦେଶ୍‌କେ ଖାଲି ବାହାରିଆ ବିପଦ୍‌ନୁ ନୁହେଁ ଦେଶ୍ ଭିତ୍‌ରେ ଆତଙ୍କ୍‌ବାଦ୍ ଆର୍ ପ୍ରାକୃତିକ୍ ବିପର୍ଯ୍ୟୟର୍ ମୁକାବିଲାଥି ସଶସ୍ତ୍ର ବାହିନୀର୍ ସୈନିକ୍‌ମାନ୍‌କୁ କୃତଜ୍ଞତା ଜନାବାର୍‌କେ ଇ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଶସ୍ତ୍ର ବାହିନୀଥି ସେନା ଦଉଥିବା ଆର୍ ସେବାନୁ ଅବସର୍ ନେଇଥିବା ସୈନିକ୍ ଆର୍ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇତାର୍‌ସଙ୍ଗେ ସେବା ଦଉଥିବା ଆଉ ସେବାନୁ ଅବସର ନେଇଥିବା ସୈନିକ୍, ସଶସ୍ତ୍ର ବାହିନୀର୍ ସୈନିକ୍ ମାନ୍‌କର୍ ବିଧବା ଆର୍ ଭିନ୍ନକ୍ଷମ ସୈନିକ୍‌ମାନ୍‌କୁ ସମ୍ମାନ୍ ଜନାବାର୍ ସଙ୍ଗେ ସେମାନ୍‌କର୍ ପରିବାର୍‌ର କଲ୍ୟାଣ୍ ଆର୍ ଥଇଥାନ୍ ଲାଗି ସଶସ୍ତ୍ର ସେନା ପତାକା ଦିବସ୍ ପାଣ୍ଠିକେ ଖୁଲାହାତେ ଦାନ୍ କର୍‌ବାର୍‌କେ ଅନୁରୋଧ୍ କରିଛନ୍ ।

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍- ବିମାନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ନୁ ଆଏବା ଜାନୁଆରୀ ମାସୁ ହାଇଦ୍ରାବାଦ୍‌କେ ଷ୍ଟାର୍ ଏୟାର୍‌ଲାଇନ୍ସର୍ ବିମାନ୍‌ସେବା ଚଲ୍‌ବା । ଷ୍ଟାର୍‌ଏୟାର୍‌ଲାଇନ୍ସର୍ ୱେବ୍‌ସାଇଟ୍‌ଥି ବିମାନ୍ ଚାଲ୍‌ବାର୍ ସମିଆ ବାବ୍‌ଦେ ସୂଚ୍‌ନା ଦିଆଯିବାର୍ ଉତ୍‌ରୁ ବିମାନ୍ ବନ୍ଦର୍ କର୍ତୃପକ୍ଷ ଇଟା ସ୍ୱଷ୍ଟ୍ କରିଛନ୍ ।

ସୂଚ୍‌ନା ଅନ୍‌ସାରେ ରଏବାର୍ ଆର୍ ସୋମ୍‌ବାର୍ ଦିନ ଉପର୍‌ବେଲା ୪ ବାଜିକରି ୩୫ ମିନିଟ୍‌ଥି ହାଇଦ୍ରାବାଦ୍‌ନୁ ବିମାନ୍ ଉଡ଼ିକରି ବେଲ୍‌ବୁଡ଼ାର୍ ୬ ବାଜିକରି ୨୦ ମିନିଟ୍‌ଥି ଝାର୍‌ସୁଗୁଡ଼ା ପୁହୁଁଚିବା । ହପ୍ତାର୍ ୫ ଦିନ୍ ଇ ବିମାନ୍ ହାଇଦ୍ରାବାଦ୍‌ନୁ ବେଲ୍‌ବୁଡ଼ାର୍ ୭ ବଜେ ଉଡ଼ିକରି ରାତି ୮ ବାଜିକରି ୪୫ ମିନିଟ୍‌ଥି ଝାର୍‌ସୁଗୁଡ଼ା ନ ପୁହୁଁଚିବା । ସେନ୍ତା ହାଇଦ୍ରାବାଦ୍ ଯିବାର୍‌କେ ରଏବାର୍ ଆର୍ ସୋମ୍‌ବାର୍ ଦିନ ବେଲ୍‌ବୁଡ଼ାର୍ ୬ ବାଜିକରି ୫୦ ମିନିଟ୍‌ଥି ଝାର୍‌ସୁଗୁଡ଼ାନୁ ବିମାନ୍ ଉଡ୍‌ବା ଆର୍ ରାତି ୮ ବାଜିକରି ୩୫ ମିନିଟ୍‌ଥି ହାଇଦ୍ରାବାଦ୍ ନ ପୁହୁଁଚିବା । ହପ୍ତାର୍ ବାକି ୫ ଦିନ୍ ରାତି ୯ ବାଜିକରି ୧୫ ମିନିଟ୍‌ଥି ବିମାନ୍ ଝାର୍‌ସୁଗୁଡ଼ା ନୁ ଉଡ଼ିକରି ରାତିର୍ ୧୧ ବଜେ ହାଇଦ୍ରାବାଦ୍ ପୁହୁଁଚିବା ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ          ଆର୍‌ଏନ୍‌ୟୁ

/ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଗଲାକାଏଲ୍‌ନୁ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ୍ ମୁଲ୍ ହେଇଛେ । ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଉଥିବା ଇ ମହୋତ୍ସବ୍‌ଥି ୪ ଶହ ଟା ଷ୍ଟଲ୍ ସହେତେ ୨ ଶହ ପ୍ରକାଶକ ଆଉ ବହି ବିକ୍ରେତା ସାମିଲ୍ ହେଇଛନ୍ । ଇ ମହୋତ୍ସବ୍ ଆଏବା ୧୭ ତାରିଖ୍‌ତକ୍ ଚାଲ୍‌ବା ।

ଆର୍‌ଡିସି- ରେଢ଼ାଖୋଲ୍ ଜେଲ୍ ପରିଦର୍ଶନ

ସମ୍ବଲ୍‌ପୁର୍ ସମ୍ବାଦଦାତା

ଉତରାଂଚଲ୍ ରାଜସ୍ୱ ଆୟୁକ୍ତ - ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଯାଦବ୍ ଗଲାକାଏଲ୍ ରେଢ଼ାଖୋଲ୍ ଜେଲ୍ ପରିଦର୍ଶନ୍ କରିଥିଲେ । ସେ ମଣ୍ଡିମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ସେମାନ୍‌କର୍ ସମସ୍ୟା ବାବ୍‌ଦେ ବୁଝିଥିଲେ । ଆର୍‌ଡିସିଙ୍କର୍ ସଙ୍ଗେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ଏସ୍.ପି. ମୁକେଶ୍ କୁମାର୍ ଭାମୁ ଭିଲ୍ ଥିଲେ ।

ରାଜ୍ୟ ଖାଦ୍ୟ ଆୟୋଗ୍‌ର ଅଧକ୍ଷ-ସମ୍ବଲପୁର

ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଜ୍ୟ ଖାଦ୍ୟ ଆୟୋଗ୍‌ର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ଯୁଯୁମୁରା ବ୍ଲକ୍ ଇଲାକାର୍ ଭିନ୍ ଭିନ୍ ଜାଗାକେ ଗସ୍ତ କରିଥିଲେ । ସେ ସାଧାରଣ୍ ବଂଟନ୍ ବ୍ୟବସ୍ଥାର୍ ହିତାଧିକାରୀ ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ଜୟନ୍ତ୍‌ପୁର୍ ଆଶ୍ରମ୍‌ସ୍କୁଲ୍, ଭବାନୀପାଲି ଅଙ୍ଗନବାଡ଼ି କେନ୍ଦ୍ର ଆର୍ ମହୁଲ୍‌ପାଲି ନ ଥିବା କସ୍ତୁରବା ଗାନ୍ଧୀ ମାତୃନିକେତନ୍ ହାଇସ୍କୁଲ୍‌କେ ଭିଲ୍ ଯାଇଥିଲେ ।